# ଶ୍ରୀ ଗୌଡ଼ୀୟ ସମ୍ପ୍ରଦାୟର ପ୍ରସିଦ୍ଧ : କୁଞ୍ଜମଠ

● ଶ୍ରୀ ଭାସ୍କର ମିଶ୍ର

ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ଶ୍ରୀ ରସିକାନନ୍ଦ ପ୍ରଭୁଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଶ୍ରୀ ଗୌଡ଼ୀୟ ସମ୍ପ୍ରଦାୟର ପ୍ରସିଦ୍ଧ କୁଞ୍ଜ ମଠ ପୁରୀ ବାଲି ସାହିର ଗଣାମଲ୍ଲ ଲେନ୍‌ରେ ଅବସ୍ଥିତ । ଏହି ମଠ ପ୍ରତିଷ୍ଠାର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କର ଭକ୍ତିଭାବ, ଭଜନନିଷ୍ଠା, ତ୍ୟାଗ, ବୈରାଗ୍ୟ ଓ ସର୍ବୋପରି ତାଙ୍କ ପ୍ରତି ଶ୍ରୀମତୀ ରାଧାରାଣୀଙ୍କର ଅଲୌକିକ କୃପାର କଥା ଅବଗତ ହୋଇ ଶ୍ରୀଧାମ ବୃନ୍ଦାବନର ବୈଷ୍ଣବଗଣ, ବ୍ରଜବାସୀଗଣ ଏପରିକି ଭାରତର ବିଭିନ୍ନ ପ୍ରାନ୍ତର ରାଜା ମହାରାଜାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ସଂଖ୍ୟାରେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ସେହି ସମୟରେ ଉତ୍କଳ ଆକାଶରେ ଘୋର ଦୁର୍ଦ୍ଦିନର କଳାମେଘ ଛାଇ ହୋଇ ରହିଥିଲା । ଦୁଷ୍ଟ ଓ ଖଳ ପ୍ରକୃତିର ଲୋକମାନେ ଅକାରଣ ଜୀବ ହତ୍ୟା, ସାଧୁ ବୈଷ୍ଣବ ନିର୍ଯ୍ୟାତନା, ମଦ୍ୟପାନ, ପରସ୍ତ୍ରୀହରଣ ପ୍ରଭୃତି କୁକାର୍ଯ୍ୟରେ ଲିପ୍ତ ଥାଆନ୍ତି । ଶ୍ରୀକୃଷ୍ଣ ସେବା ଓ ନାମ ସଂକୀର୍ତ୍ତନ ପ୍ରଭୃତି ଧର୍ମୀୟ ପରମ୍ପରା ଲୋପ ପାଇ ଆସୁଥାଏ । କତିପୟ ଉତ୍କଳୀୟ ଭକ୍ତଙ୍କର କାତର ପ୍ରାର୍ଥନାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଶ୍ରୀବୃନ୍ଦାବନରେ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କୁ ଉତ୍କଳ ଯାଇ ଶ୍ରୀ ହରିନାମର ପ୍ରଚାର ଏବଂ ଦୁର୍ଦ୍ଦଶାଗ୍ରସ୍ତ ଉତ୍କଳବାସୀଙ୍କୁ ଉଦ୍ଧାର କରିବା ପାଇଁ ଆଦେଶ ପ୍ରଦାନ କଲେ । ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଶ୍ରୀ ଅନିରୁଦ୍ଧଙ୍କ ଅବତାର ଶ୍ରୀରସିକାନନ୍ଦ ପ୍ରଭୁଙ୍କୁ ଶିଷ୍ୟ ଭାବେ ଗ୍ରହଣ କରି ତାଙ୍କୁ ସଙ୍ଗରେ ଧରି ଉତ୍କଳର ଘରେ ଘରେ ଶ୍ରୀ ଶ୍ରୀ ଗୌର ନିତାଇଙ୍କ ସେବା, ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ସେବା ଏବଂ ଶ୍ରୀ ଗୌରକୃଷ୍ଣଙ୍କ ନାମ ସଂକୀର୍ତ୍ତନର ମହିମା ପ୍ରଚାର କରିଥିଲେ । ଏକଦା ପୁରୀର ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କୁ ରଥରେ ଦର୍ଶନ କରିବା ପାଇଁ ଶିଷ୍ୟ ଶ୍ରୀ ରସିକାନନ୍ଦଙ୍କ ସହ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ନୀଳାଚଳ ଧାମ ଶ୍ରୀକ୍ଷେତ୍ର ଅଭିମୁଖେ ଆସୁଥାନ୍ତି । ବଡ଼ ଦାଣ୍ଡରେ ରଥ ଗୁଡ଼ିକରେ ଶ୍ରୀ ଜୀଉମାନେ ରଥ ଆରୋହଣ ପୂର୍ବକ ଯାତ୍ରା କରିବା ପରେ ଶ୍ରୀବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ଏବଂ ମା' ସୁଭଦ୍ରାଙ୍କର ଦେବଦଳନ ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚି ଯାଇଥିଲେ ମଧ ଶ୍ରୀଜଗନ୍ନାଥଙ୍କର ନନ୍ଦିଘୋଷ ରଥ ଆଗକୁ ଚଳି ନଥିଲା । ଭକ୍ତଗଣ, କଳା ବେଠିଆ ତଥା ହସ୍ତୀ ମାନଙ୍କର ଆପ୍ରାଣ ଚେଷ୍ଟା ମଧ ଏହି କାର୍ଯ୍ୟକୁ ସଫଳ କରିପାରି ନଥିଲା । ପରେ ମୁଦିରଥଙ୍କୁ ଶ୍ରୀଜଗନ୍ନାଥଙ୍କ ଆଦେଶ ହେଲା ଯେ, ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଓ ଶ୍ରୀ ରସିକାନନ୍ଦ ପ୍ରଭୁ ଆସି ପହଞ୍ଚିବାପରେ ନନ୍ଦିଘୋଷ ରଥ ଆଗକୁ ଚାଲିବ । ଯଥା ସମୟରେ ପ୍ରଭୁଦ୍ୱୟ ବଡ଼ଦାଣ୍ଡରେ ଅଟକି ରହିଥିବା ନନ୍ଦିଘୋଷ ନିକଟରେ ପହଞ୍ଚିଗଲେ । ଗୁରୁଦେବ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କ ନିର୍ଦ୍ଦେଶରେ ଶ୍ରୀ ରସିକାନନ୍ଦ ପ୍ରଭୁ ରଥ ପରିକ୍ରମା କରି ନନ୍ଦିଘୋଷ ରଥରେ ମସ୍ତକ ସ୍ପର୍ଶ କରିବା ସହିତ ରଥ ଦଉଡ଼ି ଧରିବା ମାତ୍ରେ ନନ୍ଦିଘୋଷ ରଥ ଦ୍ରୁତ ଗତିରେ ଚଳିଲା ଏବଂ ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିଗଲା । ଏହି ଅଲୌକିକ ଘଟଣାରେ ଅଭିଭୂତ ହୋଇ ଉତ୍କଳର ତତ୍କାଳୀନ ଗଜପତି ମହାରାଜ ବାଲିସାହିସ୍ଥିତ ଶ୍ରୀଜଗନ୍ନାଥଙ୍କର ଏକାନ୍ତ ସ୍ଥାନ ଫୁଲତୋଟାରେ ଏକ ମଠ ସ୍ଥାପନ କରିବା ପାଇଁ ଶ୍ରୀ ଶ୍ୟାମାନନ୍ଦ ପ୍ରଭୁଙ୍କୁ ବିନୀତ ପ୍ରାର୍ଥନା କରିଥିଲେ । ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ସେହି ସ୍ଥାନରେ 'କୁଞ୍ଜ ମଠ' ସ୍ଥାପନ କରି ବଡ଼ ଦେଉଳରୁ ଶ୍ରୀ ରସିକାନନ୍ଦ ପ୍ରଭୁଙ୍କ ସଙ୍ଗରେ ଚାଲି ଆସିଥିବା ବଟକୃଷ୍ଣଙ୍କ ସେବା ପ୍ରକାଶ କରି ପ୍ରିୟ ଶିଷ୍ୟଙ୍କ ନାମାନୁସାରେ ସେହି ଶ୍ରୀବିଗ୍ରହଙ୍କର ନାମକରଣ କରିଥିଲେ ଶ୍ରୀ ରାଧା ରସିକରାୟ ଜୀଉ, ଯାହାକି ଅଦ୍ୟାପି ବାଲିସାହିସ୍ଥିତ ଗଣାମଲ୍ଲ ସାହିରେ ପ୍ରତିଷ୍ଠିତ କୁଞ୍ଜ ମଠର ମନ୍ଦିରରେ ବିରାଜମାନ କରୁଛନ୍ତି । ପ୍ରଥମେ ଏହି ମଠର ନାମ ଥିଲା ଫୁଲତୋଟା ମଠ । ପରବର୍ତ୍ତୀ ସମୟରେ ଏହା 'କୁଞ୍ଜ ମଠ' ନାମରେ ନାମିତ ହେଲା । ଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଗୋଲକ ବିଜୟର ପୂର୍ବରୁ ତାଙ୍କର ପ୍ରିୟ ଶିଷ୍ୟ ଶ୍ରୀ ରସିକାନନ୍ଦ ପ୍ରଭୁଙ୍କୁ ସମସ୍ତ ଶ୍ୟାମାନନ୍ଦୀ ଗୋଷ୍ଠୀର ମହନ୍ତ ରୂପେ ଅଭିଷିକ୍ତ କରି ଶ୍ରୀ ପାଟଗୋପୀବଲ୍ଲଭପୁରରେ ଗାଦୀ ସ୍ଥାପନ କରିଥିଲେ । ସମଗ୍ର ଭାରତ ବର୍ଷରେ ସେହି ସମୟରେ ସାଢ଼େ ତିନିହଜାର ଶ୍ୟାମାନନ୍ଦୀ ମଠ ଓ ମନ୍ଦିର ସ୍ଥାପିତ ହୋଇଥିଲା । ତନ୍ମଧ୍ୟରୁ ୨୧ଟି ମୁଖ୍ୟ ମୁଖ୍ୟ ଶ୍ୟାମାନନ୍ଦୀ ମଠ ମନ୍ଦିର ମଧ୍ୟରେ ପୁରୀର କୁଞ୍ଜମଠ ଓ ଏହାର ବିଜେସ୍ଥଳୀରେ ଅବସ୍ଥିତ ଶ୍ରୀରସିକାରାୟ ଜୀଉ ମନ୍ଦିର ଅନ୍ୟତମ ।

ତତ୍କାଳୀନ ପୁରୀରେ ପ୍ରତିଷ୍ଠିତ ମଠ ମାନଙ୍କ ମଧ୍ୟରେ

କୁଞ୍ଜ ମଠର ଅନେକ ପ୍ରାଧାନ୍ୟ ରହିଥିଲା । ଶ୍ରୀମନ୍ଦିରର ମାହାରୀମାନେ ଏହି ମଠରୁ ଦୀକ୍ଷା ନେବାର ପ୍ରଥା ପ୍ରଚଳିତ ଥିଲା । ସ୍ୱର୍ଗତ କେଦାର ନାଥ ମହାପାତ୍ରଙ୍କ ରଚିତ ''ଦେବଦାସୀ ପ୍ରଥା'' ଶୀର୍ଷକ ପ୍ରବନ୍ଧରେ ଉଲ୍ଲେଖ ଅଛି ଯେ, ''ମାହାରୀ ସେବକ କାହା ସଙ୍ଗେ ଅଙ୍ଗ ସଙ୍ଗ ନ ହେବେ । ଅନ୍ୟ ଯାତ୍ରାରେ ନ ଗମିବେ । ଗଙ୍ଗାମାତା ମଠୁ, କୁଞ୍ଜ ମଠୁ, ରଥ ସାମନ୍ତଠାରୁ ଦୀକ୍ଷା ନେଇ କଲିତିଳକ ନେବେ x x x x ।''

ଶ୍ରୀ ରସିକାନନ୍ଦ ପ୍ରଭୁ ମଧ ଗୁରୁପଦାଙ୍କ ଅନୁସରଣ କରି ଉତ୍କଳରେ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରବର୍ତ୍ତିତ ଶୁଦ୍ଧ ରାଗମାର୍ଗୀୟ ଭଜନର ଧାରାକୁ ଅକ୍ଷୁଣ୍ଣ ରଖି ତାହାର ଆହୁରି ବିସ୍ତାର କରିଥିଲେ । ଶ୍ୟାମାନନ୍ଦୀ ପରିବାର ଗୋଷ୍ଠୀର ପ୍ରଚାର ପତ୍ରରେ ଉଲ୍ଲେଖ ଅଛି ଯେ,

**ଜୟ ପ୍ରଭୁ ଶ୍ୟାମାନନ୍ଦ ଶ୍ରୀରସିକାନନ୍ଦ ।**
**କୁଞ୍ଜ ମଠେ ସେବା କରେନ୍ ପରମ ଆନନ୍ଦ ॥**

ପ୍ରବାଦ ଅଛି ଯେ, ବାଲେଶ୍ୱର ରେମୁଣାର କ୍ଷୀରଚୋରା ଗୋପୀନାଥଙ୍କ ଶ୍ରୀଅଙ୍ଗରେ ରସିକାନନ୍ଦ ପ୍ରଭୁ ଲୀନ ହୋଇଥିଲେ । 'ଭକ୍ତ ଫଚକ' ନାମକ ଓଡ଼ିଆ ପୋଥି ଗୋବିନ୍ଦ ନାଏକ ନାମକ ଜଣେ ଭକ୍ତ ଓଡ଼ିଆ ମଠରୁ ପ୍ରାପ୍ତ ହୋଇଥିଲେ । ଉକ୍ତ ପୋଥିରେ ବର୍ଣ୍ଣିତ ଅଛି ଯେ, ଆସାମର ବିଶିଷ୍ଟ ସନ୍ଥ ଶ୍ରୀ ଶଙ୍କର ଦେବ ବଡ଼ ଓଡ଼ିଆ ମଠ, ଶିଶୁ ଅନନ୍ତଙ୍କ ଶିଶୁ ମଠ ଓ ବାଲିସାହିର କୁଞ୍ଜମଠରେ କିଛି ଦିନ ଅବସ୍ଥାନ କରିଥିଲେ ।

**କୁଞ୍ଜ ମଠର ବିଜେସ୍ଥଳୀ :-** ଉକ୍ତ କୁଞ୍ଜ ମଠଟି ପ୍ରାୟ ୪୦୦ ବର୍ଷର ପୁରାତନ । ଗଣାମଲ୍ଲ ସାହିର ଶେଷ ପାର୍ଶ୍ୱରେ ଅବସ୍ଥିତ କୁଞ୍ଜ ମଠର ମୁଖ୍ୟ ପ୍ରବେଶ ଦ୍ୱାର ଦକ୍ଷିଣାଭିମୁଖୀ । ପୂର୍ବେ ଏହି ମଠଟି କେତେ ଏକର ଜମି ଉପରେ ଅବସ୍ଥିତ ଥିଲା, ସେ ସଂପର୍କରେ ବର୍ତ୍ତମାନର ମହନ୍ତଙ୍କ ନିକଟରେ କୌଣସି ତଥ୍ୟ ନାହିଁ । ସମ୍ପ୍ରତି ମଠରେ ଥିବା ଡ୍ରାଫଟ୍ ଖତିୟାନ ଓ ପଟ୍ଟା ଇତ୍ୟାଦି କାଗଜାତ୍‌ରୁ ଜଣାଯାଉଛି ଯେ, ପୁରୀ ସହର ବାଲିସାହି ସାମିଲ ଗଣାମଲ୍ଲ ସାହିର ପ୍ଲଟ ନଂ ୨୧୨, ୨୫୫, ୨୫୬, ୨୫୯, ୨୬୧ରେ ଯଥାକ୍ରମେ କଚା ଘର ୨୦ ଡ଼ିସିମିଲି, ପକ୍କା ଘର ୩୦ ଡ଼ିସିମିଲି ଏବଂ ୨୧ ଡ଼ିସିମିଲି, ମେଲା ଡ଼ିହ ୨ ଡ଼ିସିମିଲି, ପକ୍କା ଘର ୨୪ ଡ଼ିସିମିଲି । ଏହା ବ୍ୟତୀତ ପ୍ଲଟ ନଂ ୪୫୨ରେ କଦଳୀବାଡ଼ି - ୬୬ ଡ଼ିସିମିଲି, ପ୍ଲଟ ନଂ ୪୫୩ରେ ୮ ଡ଼ିସିମିଲି ରାସ୍ତା, ପ୍ଲଟ ନଂ ୪୫୯ରେ ମେଲାଡ଼ିହ ୨୦ ଡ଼ିସିମିଲି, ପ୍ଲଟ ନଂ ୪୬୪ରେ ପକ୍କା ଘର ୨୬୦ ଡ଼ିସିମିଲି, ପ୍ଲଟ ନଂ ୪୬୫ରେ ମେଲାଡ଼ିହ ୭୨ ଡ଼ିସିମିଲି ଏବଂ ପ୍ଲଟ ନଂ ୪୬୨ରେ ଡ଼ିହ ୬ ଡ଼ିସିମିଲି । ଏହିପରି ସମୁଦାୟ କୁଞ୍ଜ ମଠର ବିଜେସ୍ଥଳୀଟି ୫୩୦ ଡ଼ିସିମିଲି ଜମି ଉପରେ ଅବସ୍ଥିତ । କିନ୍ତୁ ବାସ୍ତବ ପକ୍ଷେ ଏଥିରୁ ଅର୍ଦ୍ଧାଧିକ ଜମି ବିଜେସ୍ଥଳୀରୁ ଚାଲିଯାଇଛି । ଉକ୍ତ ଜମିରେ କେତେକ ବ୍ୟକ୍ତି ବିଶେଷଙ୍କ କୋଠା ଘର ନିର୍ମାଣ ହୋଇ ଯାଇଛି । ଏପରିକି ମଠର କୂପଟି ମଧ ବର୍ତ୍ତମାନର ବିଜେସ୍ଥଳୀ ମଧରେ ନାହିଁ । ପୂର୍ବେ ମଠର ବିଜେସ୍ଥଳୀରେ ୧୫ ବଖରା ଗୃହ ଥିବା ବେଳେ ବର୍ତ୍ତମାନ ମାତ୍ର ୪/୫ ବଖରା ଗୃହ ରହିଅଛି । ଏତଦ୍ ବ୍ୟତୀତ ବିଜେସ୍ଥଳୀରେ ଦୁଇଟି ସମାଧି ମନ୍ଦିର ଦୃଶ୍ୟମାନ ହେଉଅଛି ।

**ମଠର ମନ୍ଦିର ଓ ବିଗ୍ରହ :-** କୁଞ୍ଜ ମଠର ବିଜେସ୍ଥଳୀରେ ଅବସ୍ଥିତ ମୁଖ୍ୟ ମନ୍ଦିରର ନାମ ଶ୍ରୀ ରସିକରାୟ ଜୀଉ ମନ୍ଦିର । ମନ୍ଦିରଟିର ଉଚ୍ଚତା ପ୍ରାୟ ୧୫ ଫୁଟ୍ ଏବଂ ଏହା ପୂର୍ବାଭିମୁଖୀ । ଏହି ମନ୍ଦିରର ମଧଭାଗରେ ପ୍ରତିଷ୍ଠିତ ଏକ ସିଂହାସନରେ ପତିତପାବନ, ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଦାରୁ ବିଗ୍ରହ ବିରାଜମାନ ହୋଇଥିବା ସ୍ଥଳେ ସିଂହାସନର ଡ଼ାହାଣ ପାର୍ଶ୍ୱରେ ଲକ୍ଷ୍ମୀ-ନୃସିଂହ ଏବଂ ମଝିରେ ଦ୍ୱିଭୁଜ ବଂଶୀଧାରୀ ରସିକରାୟ ବିଦ୍ୟମାନ । ମଠର ମୁଖ୍ୟ ଅଧିଷ୍ଠାତ୍ରୀ ଦେବତା ରୂପେ ବିରାଜମାନ ଥିବା ରସିକରାୟ ଜୀଉଙ୍କ ମୂର୍ତ୍ତିର ଉଚ୍ଚତା ୧ ଫୁଟ୍ ଏବଂ ଏହା ମଣିମୟ ବିଗ୍ରହ । ବିଗ୍ରହଙ୍କର ପାଦରେ କଂଠଉ ରହିଛି । ବାମ ପାର୍ଶ୍ୱରେ ରାଧାଜୀ ଓ ଡ଼ାହାଣ ପାର୍ଶ୍ୱରେ ଲଳିତା । ସିଂହାସନର ଦ୍ୱିତୀୟ ଧାଡ଼ି ସମ୍ମୁଖରେ ବିଶାଖାଙ୍କ ସହିତ ତିନି ମୂର୍ତ୍ତି ଗୋପାଳ ଏବଂ କ୍ଷୁଦ୍ର ରୂପା ନିର୍ମିତ ସିଂହାସନରେ ଚଳନ୍ତି ପ୍ରତିମା, ଶାଳଗ୍ରାମ ୧୦ ମୂର୍ତ୍ତି, ଗଣେଶ, ହନୁମାନ ବିଗ୍ରହ ପୂଜା ପାଉଛନ୍ତି । ମୁଖ୍ୟ ମନ୍ଦିରକୁ ଲାଗି ପାୟ ୮ ଫୁଟ୍ ଉଚ୍ଚର ଏକ ଜଗମୋହନ ରହିଅଛି । ଏହାର ପାର୍ଶ୍ୱକୁ ଲାଗି ଅମୁଣିଆ ଘର ଏବଂ ରୋଷ ଘର ଅବସ୍ଥିତ ।

**ଠାକୁରଙ୍କ ନୀତି ଓ ପର୍ବପର୍ବାଣୀ :-** କୁଞ୍ଜ ମଠର ମନ୍ଦିରରେ ବିଦ୍ୟମାନ ଠାକୁରମାନଙ୍କ ଦୈନନ୍ଦିନ ନୀତି ମଧରେ ସକାଳ ସମୟରେ ଦ୍ୱାରଫିଟା, ଆଳତୀ, ମିଶିରି ଭୋଗ, ସିଂହାର ଆଳତୀ, ବାଲ୍ୟ ଭୋଗ, ରାଜଭୋଗ (ଅନ୍ନ ଭୋଗ), ଆଳତୀ, ମଧାହ୍ନରେ ଦିବା ପହୁଡ଼, ଅପରାହ୍ନ ୪ଟାରେ ପହୁଡ଼ ଫିଟାଯାଇ ବାଲ୍ୟ ଭୋଗ, ସନ୍ଧ୍ୟା ଆଳତୀ, ରାତ୍ରରେ ରାଜଭୋଗ (ଅନ୍ନ ଭୋଗ) ପାଳିତ ହୋଇଥାଏ । ଏହି ଦେବ ନୀତି ତୁଲାଇବା ପାଇଁ ମଠରେ ଜଣେ ବାବାଜୀ ଓ ଜଣେ ପୂଜାରୀ ନିୟୋଜିତ ହୋଇଛନ୍ତି । ମଠରେ ପାଳିତ ମୁଖ୍ୟ ପର୍ବପର୍ବାଣୀ ମଧରେ ଷଡ଼ ଜୟନ୍ତୀ, ଶିବରାତ୍ରି, ନୃସିଂହ ଜନ୍ମ, ରାମ ଜନ୍ମ, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଗୋବର୍ଦ୍ଧନ ପୂଜା, ଅନ୍ନକୂଟ, ଝୁଲଣ ଯାତ୍ରା, ଶ୍ୟାମାନନ୍ଦୀ ପ୍ରଭୁଙ୍କ ଆର୍ବିଭାବ ମହୋସବ ଏବଂ ସ୍ନାନ ପୂର୍ଣ୍ଣମୀ

ପରଦିନ ଶ୍ୟାମାନନ୍ଦଙ୍କ ତିରୋଧାନ ମହୋତ୍ସବ, ମଠର ସମସ୍ତ ଗୁରୁ ମଠାଧୀଶମାନଙ୍କ ବାର୍ଷିକ ଶ୍ରାଦ୍ଧୋତ୍ସବ ଯଥାସମ୍ଭବ ଅନୁଷ୍ଠିତ ହେଉଅଛି । ଉଲ୍ଲେଖଯୋଗ୍ୟ ଯେ, ଗତ ୨୨.୬.୧୯୯୯ ମସିହାରେ ଏହି ମଠ ପରିସରରେ ନବକୁଞ୍ଜ ମହୋତ୍ସବ (କୃଷ୍ଣ ରାସଲୀଳା ସମ୍ବନ୍ଧୀୟ ଉତ୍ସବ) ମହାସମାରୋହରେ ପାଳିତ ହୋଇଥିଲା । ଉପରିବର୍ଣ୍ଣିତ ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟକ ଶ୍ୟାମାନନ୍ଦୀ ପରିବାରର ଶିଷ୍ୟ ଯୋଗ ଦେଇ ଥିଲେ ।

**ମଠର ମହନ୍ତ ପରଂପରା :-** କୁଞ୍ଜ ମଠରେ ଅଦ୍ୟାବଧି ୧୬ ଜଣ ମହନ୍ତ ଗାଦୀନସୀନ ହୋଇ ସାରିଛନ୍ତି । ଗୁରୁ ଶିଷ୍ୟ ପରମ୍ପରାକ୍ରମେ ମହନ୍ତାଇ ଶାଢ଼ୀ ବନ୍ଧାଇ ମହନ୍ତମାନେ ମଠ ଠାକୁରଙ୍କ ସେବା, ପୂଜାର୍ଚ୍ଚନା ଓ ପରିଚାଳନା ଇତ୍ୟାଦି କାର୍ଯ୍ୟ ବୁଝିଥାନ୍ତି । ମଠରୁ ସଂଗୃହୀତ ତଥ୍ୟ ଅନୁଯାୟୀ ନିମ୍ନରେ ମଠାଧୀଶ ମାନଙ୍କ ନାମ ତାଲିକା ଉଲ୍ଲେଖ କରାଗଲା ।

**ଶ୍ରୀଶ୍ରୀ ଶ୍ୟାମାନନ୍ଦଙ୍କ ଦ୍ୱାରା ଗାଦି ସ୍ଥାପନ :-**

୧. ଶ୍ରୀ ମହନ୍ତ ରସିକାନନ୍ଦ ଦେବ ଗୋସ୍ୱାମୀ
୨. ଶ୍ରୀ ମହନ୍ତ ରାଧାନନ୍ଦ ଦେବ ଗୋସ୍ୱାମୀ (ଶ୍ୟାମାନନ୍ଦଙ୍କ ଜ୍ୟେଷ୍ଠ ପୁତ୍ର)
୩. ଶ୍ରୀ ମହନ୍ତ ନୟନାନନ୍ଦ ଦେବ ଗୋସ୍ୱାମୀ
୪. ଶ୍ରୀ ମହନ୍ତ ବ୍ରଜଜନାନନ୍ଦ ଦେବ ଗୋସ୍ୱାମୀ
୫. ଶ୍ରୀ ମହନ୍ତ ବିଚିତ୍ରାନନ୍ଦ ଦେବ ଗୋସ୍ୱାମୀ
୬. ଶ୍ରୀ ମହନ୍ତ ଗୋବିନ୍ଦାନନ୍ଦ ଦେବ ଗୋସ୍ୱାମୀ
୭. ଶ୍ରୀ ମହନ୍ତ ବୃନ୍ଦାବନାନନ୍ଦ ଦେବ ଗୋସ୍ୱାମୀ
୮. ଶ୍ରୀ ମହନ୍ତ ବୈଷ୍ଣବାନନ୍ଦ ଦେବ ଗୋସ୍ୱାମୀ
୯. ଶ୍ରୀ ମହନ୍ତ ଗୋକୁଳାନନ୍ଦ ଦେବ ଗୋସ୍ୱାମୀ
୧୦. ଶ୍ରୀ ମହନ୍ତ ତ୍ରିବିକ୍ରମାନନ୍ଦ ଦେବ ଗୋସ୍ୱାମୀ
୧୧. ଶ୍ରୀ ମହନ୍ତ ରାମକୃଷ୍ଣାନନ୍ଦ ଦେବ ଗୋସ୍ୱାମୀ
୧୨. ଶ୍ରୀ ମହନ୍ତ ସର୍ବେଶ୍ୱରାନନ୍ଦ ଦେବ ଗୋସ୍ୱାମୀ
୧୩. ଶ୍ରୀ ମହନ୍ତ ନନ୍ଦନନ୍ଦନାନନ୍ଦ ଦେବ ଗୋସ୍ୱାମୀ
୧୪. ଶ୍ରୀ ମହନ୍ତ ଗୋବିନ୍ଦ ଗୋପାଳାନନ୍ଦ ଦେବ ଗୋସ୍ୱାମୀ
୧୫. ଶ୍ରୀ ମହନ୍ତ ଗୋପାଳ ଗୋବିନ୍ଦାନନ୍ଦ ଦେବ ଗୋସ୍ୱାମୀ
୧୬. ମହନ୍ତ ଶ୍ରୀ କୃଷ୍ଣ କେଶବାନନ୍ଦ ଦେବ ଗୋସ୍ୱାମୀ (ବର୍ତ୍ତମାନ ମହନ୍ତ ରୂପେ ଗାଦିନସୀନ ହୋଇ କାର୍ଯ୍ୟ ତୁଲାଉଛନ୍ତି)

ପୁରୀ ଗଣାମଲ୍ଲ ସାହିରେ ଅବସ୍ଥିତ ଏହି ପୁରାତନ ଐତିହ୍ୟସଂପନ୍ନ ତଥା ଶ୍ରୀଜୀଉଙ୍କ ଫୁଲ ତୋଟା ଭାବେ ପରିଚିତ କୁଞ୍ଜ ମଠରେ ଆର୍ଥିକ ସମ୍ବଳ ଅଭାବରୁ ଠାକୁରମାନଙ୍କ ନୀତି ଓ ଉତ୍ସବ ଇତ୍ୟାଦି କର୍ମ ଆଡ଼ମ୍ବର ସହକାରେ ପାଳିତ ହୋଇପାରୁନାହିଁ । ମଠର ମନ୍ଦିର ଓ ଗୃହ ଗୁଡ଼ିକର ମରାମତି ଓ ସଂରକ୍ଷଣ କାର୍ଯ୍ୟ ମଧ୍ୟ ଠିକ୍ ସମୟରେ ହୋଇପାରୁ ନଥିବା ଜଣାଯାଏ । ତତ୍କାଳୀନ ପୁଷ୍ପ ଉଦ୍ୟାନ, ଶ୍ରୀମନ୍ଦିର ମାହାରୀମାନଙ୍କ ଦୀକ୍ଷା ଗ୍ରହଣ ଇତ୍ୟାଦି ବ୍ୟବସ୍ଥା ବହୁ ବର୍ଷ ପୂର୍ବରୁ ଲୋପ ପାଇଯାଇଛି । ଏପରିକି ମଠର ବିଜେସ୍ଥଳୀରେ ଅବସ୍ଥିତ କୂପଟି ବ୍ୟକ୍ତିବିଶେଷଙ୍କ ସମ୍ପତ୍ତି ହୋଇ ତାଙ୍କ ମାଲିକାନାରେ ରହି ଯାଇଥିବାରୁ ଠାକୁରଙ୍କ ନୀତି ନଳକୂପର ଜଳରେ ସଂପନ୍ନ ହେଉଅଛି । ମଠରେ ଦୃଶ୍ୟମାନ କେତେକ ଘର ସଂପୂର୍ଣ୍ଣ ଭଗ୍ନ ଓ ଅବଶିଷ୍ଟ ଗୃହ ଗୁଡ଼ିକ ଅର୍ଦ୍ଧଭଗ୍ନ ତଥା ବିପଦସଙ୍କୁଳ ଅବସ୍ଥାରେ ରହିଅଛି । ପୂର୍ବେ ମଠ ଠାକୁରଙ୍କ ନୀତି ଓ ଉତ୍ସବାଦିର ପରିଚାଳନା ନିମିତ୍ତ ପୁରୀ ଜିଲ୍ଲାର ତଳଜଙ୍ଗ, ଚାରିଛକ, ରେବଣା ନୂଆଗାଁ, ଗବକୁଣ୍ଡ ଇତ୍ୟାଦି ଅଞ୍ଚଳରେ ଶହ ଶହ ଏକର ଧାନଜମି ରହିଥିଲା । ସମ୍ପ୍ରତି ସେହି ଜମି ମାନଙ୍କରୁ ଆଦାୟ ହେଉଥିବା ସ୍ୱଳ୍ପ ଆୟ ଓ ଭକ୍ତମାନଙ୍କ ଦାନ ଅର୍ଥରେ ମଠର ଦେବନୀତି ଓ ପର୍ବପର୍ବାଣି ପାଳନ ଇତ୍ୟାଦି କାର୍ଯ୍ୟ ଚାଲୁଅଛି ।

ରାଜ୍ୟ ଦେବୋତ୍ତର ବିଭାଗର ନିୟନ୍ତ୍ରଣାଧୀନରେ ଥିବା ଏହି ପ୍ରସିଦ୍ଧ ମଠଟିର ଜୀର୍ଣ୍ଣୋଦ୍ଧାର ଓ ରକ୍ଷଣାବେକ୍ଷଣ ଏକାନ୍ତ ଆବଶ୍ୟକ ମନେ ହୁଏ ।

**ସ୍ୱତନ୍ତ୍ର ପଦାଧିକାରୀ**
**(ଶ୍ରୀମନ୍ଦିର ପ୍ରଶାସନ),**
**ପୁରୀ**